भारतीय प्रौद्योगिकी संस्थान भुवनेश्वर
Indian Institute of Technology Bhubaneswar

Press Release

ଆଇଆଇଟି ଭୁବନେଶ୍ୱର ପକ୍ଷରୁ ହିନ୍ଦୀ ପକ୍ଷ-୨୦୨୬ର ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ସମାରୋହ ଆୟୋଜିତ

ଭୁବନେଶ୍ୱର, ୧ ନଭେମ୍ବର ୨୦୨୬: ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ରାଜଭାଷା ପ୍ରକୋଷ୍ଠ ପକ୍ଷରୁ ଆୟୋଜିତ ହିନ୍ଦୀ ପକ୍ଷ–୨୦୨୬ର ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ସମାରୋହ ୩୦ ଅକ୍ଟୋବର ୨୦୨୬ରେ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସଂସ୍ଥାନର କୁଳସଚିବ ଶ୍ରୀ ବାମଦେବ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ।

ହିନ୍ଦୀ ପକ୍ଷ–୨୦୨୬ ଅବସରରେ ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ଏହାକୁ ରାଜଭାଷା ଭାବେ ଅଧିକ ମାତ୍ରାରେ ଗ୍ରହଣ କରିବା ନିମନ୍ତେ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜଭାଷା ପ୍ରକୋଷ୍ଠ ପକ୍ଷରୁ ହିନ୍ଦୀଭାଷୀ ଓ ଅଣ-ହିନ୍ଦୀଭାଷୀ ଅଂଶଗ୍ରହଣକାରୀଙ୍କ ପାଇଁ ଛଅଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିସହିତ, ସଂସ୍ଥାନର ଛାତ୍ରଛାତ୍ରୀଙ୍କ ପାଇଁ ଚାରୋଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ହିନ୍ଦୀ ଭାଷା ପ୍ରତି ଆଗ୍ରହ ବୃଦ୍ଧି କରିବା ଏବଂ ସେମାନଙ୍କର ସୃଜନଶୀଳ ଅଭିବ୍ୟକ୍ତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ, ଆଇଆଇଟି ଭୁବନେଶ୍ୱରର ଛାତ୍ରଛାତ୍ରୀଙ୍କ ପାଇଁ ଏକ ହିନ୍ଦୀ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା।

ସମାରୋହ ଅବସରରେ ହିନ୍ଦୀ ପକ୍ଷର ଅଂଶବିଶେଷ ଭାବେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ୬୭ ଜଣ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା।

ରାଜଭାଷା ଏକକର ପ୍ରଭାରୀ ପ୍ରଫେସର ଡ. ଅଭିଜିତ କୁମାରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ହିନ୍ଦୀ ଅନୁବାଦକ ଶ୍ରୀ ହେମନ୍ତ କୁମାର ଯାଦବ ଏହାର ସଂଯୋଜନା କରିଥିଲେ।

ହିନ୍ଦୀ ପକ୍ଷ–୨୦୨୬ର ଆୟୋଜନ ହିନ୍ଦୀ ଭାଷା ସମ୍ପର୍କରେ ସଚେତନତା ଓ ଏହାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହନ ଦେବା, ଏହି ଭାଷାରେ ସୃଜନଶୀଳ ଅଭିବ୍ୟକ୍ତିକୁ ଉତ୍ସାହିତ କରିବା ସହ ସଂସ୍ଥାନରେ ରାଜଭାଷା ନୀତିର କାର୍ଯ୍ୟାନ୍ୱୟନକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଉତ୍ସାହ ଓ ପ୍ରେରଣାଦାୟୀ ପରିବେଶ ମଧ୍ୟରେ କାର୍ଯ୍ୟକ୍ରମର ସମାପନ ହୋଇଥିଲା।
